**୨୬ ମୋବାଇଲ ଜବତ**

ସିମୁଳିଆ,(ସନ୍ତୋଷ ନାୟକ)- ବାଲେଶ୍ୱର ଜିଲା ସିମୁଳିଆ ପୋଲିସ ୨୬ଟି ଚୋରି ମୋବାଇଲ ଜବତ କରିଛି। ଭଦ୍ରକ କାଳୀପୂଜା ମେଳା ବୁଲିବା ପାଇଁ ଆସିଥିବା ଲୋକଙ୍କ ମୋବାଇଲ, ଟଙ୍କା, ସୁନା ଗହଣା ଇତ୍ୟାଦି ଚୋରି ହେବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ବିଭିନ୍ନ ପୂଜା ମଣ୍ଡପରେ ସିସିଟିଭି ଲଗାଯାଇଥିଲେ ମଧ ଲୁଟେରାମାନେ କୌଶଳ କ୍ରମେ ଚୋରି କରିବାରେ ସକ୍ଷମ ହୋଇଥିଲେ। ସିମୁଳିଆ ପୋଲିସ ଟ୍ରାକିଂ କରି ଶନିବାର ରାତିରେ ଥାନାଠାରୁ ପ୍ରାୟ ୫କି.ମି. ଦୂର ମଇତାପୁର ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲ ନିକଟରେ ଆଶ୍ରୟ ନେଇଥିବା ବନଜାରାଙ୍କ ନିକଟରେ ପହଞ୍ଚି ୨୬ଟି ମୋବାଇଲ ଜବତ କରିଥିଲା।



## ସଂକ୍ଷେପରେ

### ମାରାଥନ ବେଳେ ୫ ଛାତ୍ରୀ ଅସୁସ୍ଥ

ସୋର,୧୯।୧୧(ଜନ୍ମେଜୟ ମିଶ୍ର)- ସୋର ପୌର ପାଳିକା ପକ୍ଷରୁ ମାରାଥନ ପ୍ରତିଯୋଗିତା ଚାଲିଥିବା ବେଳେ ୫ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ପୌରାଧ୍ୟକ୍ଷ ମାଧବ ଧଡ଼ାଙ୍କ ସମେତ ଅନ୍ୟମାନେ ସେମାନଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତରଖାନାରେ ଜଣେ ଡାକ୍ତର ଥିବା ବେଳେ ଆଉଟଡୋରରେ ପ୍ରବଳ ଭିଡ ଯୋଗୁ ରୋଗୀ ଦେଖିବାକୁ ବିଳମ୍ବ ହୋଇଥିଲା। ଫଳରେ ପୌରାଧ୍ୟକ୍ଷ ଧଡ଼ା ମେଡିକାଲରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ଡାକ୍ତରଖାନାରେ ଅଧିକ ସଂଖ୍ୟକ ଡାକ୍ତର ଯୋଗାଇ ଦେବାକୁ ଦାବି କରି ଧଡ଼ା ଏହି ନିଷ୍ପତ୍ତି ନେଇଥିଲେ। ବାଲେଶ୍ୱର ସିଡିଏମ୍‌ଓ ଏହି ଘଟଣାର ତୁରନ୍ତ ନିଷ୍ପତ୍ତି ନେଇ ଡାକ୍ତରଖାନାରେ ଅଧିକ ସଂଖ୍ୟକ ଡାକ୍ତର ଯୋଗାଇ ନ ଦେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି ପୌରାଧ୍ୟକ୍ଷ ଧଡ଼ା କହିଛନ୍ତି।

### ରାମଚନ୍ଦ୍ର ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି

ଉଦଳା, ୧୯।୧୧ (ସନ୍ତୋଷ ବାଛିନୀ)- ମୟୂରଭଞ୍ଜ ଜିଲା ଉଦଳା ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ସେକ ମଇନୁରଙ୍କ



ଆକସ୍ମିକ ମୃତ୍ୟୁ ପରେ ଦୀର୍ଘଦିନ ଧରି ସଭାପତି ପଦ ଖାଲି ପଡ଼ିଥିଲା। ବ୍ଲକର ଯୁବନେତା ରାମଚନ୍ଦ୍ର ସିଂ କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ କରି ଆସୁଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାମଚନ୍ଦ୍ରଙ୍କୁ ସ୍ଥାୟୀ ବ୍ଲକ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ରାମଚନ୍ଦ୍ର ଜିଲା ସଭାପତି ହେମନ୍ତ କୁମାର ଦାସ ଓ ପିସିସି ସଭାପତି ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଜିଆରଏସ୍‌ଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ

ପାଟଣା,୧୯।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ବାଇକଳା ପଞ୍ଚାୟତ ଜିଆରଏସଙ୍କୁ ଆକ୍ରମଣ ଘଟଣାରେ ତୁରୁମୁଙ୍ଗା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ସାହରପଡ଼ା ବ୍ଲକ୍ ବାଇକଳା ଗ୍ରାମର ରାଜେଶ ହାଁସଦା (୩୭)। ବାଇକଳା ପଞ୍ଚାୟତ ଜିଆରଏସ ଦୁର୍ଯ୍ୟୋଧନ ମହନ୍ତଙ୍କୁ ରାଜେଶ ବାଇକଳାରୁ ବାଲି ତୋଟା ରାସ୍ତା କାମ କାହିଁକି ହେଉନି କହି ମାଡ଼ ମାରିଥିଲେ। ଜିଆରଏସ ଗୁରୁତର ହୋଇ ପ୍ରଥମେ ଉଦୟପୁର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ବ୍ଲକ୍ ଜିଆରଏସ୍ ସଂଘ ପକ୍ଷରୁ ୨୦ ତାରିଖ ଭିତରେ ମୁଦାଲାଙ୍କୁ ଗିରଫ ନକଲେ ୨୧ରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ରାଜେଶ ବାଇକଳା ଗାଁରେ ଲୁଚିଥିବା ବେଳେ ପୋଲିସ ଚଢ଼ାଉ କାବୁ କରିଥିଲା। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୯୯/୨୩) ରୁଜୁ ହୋଇ କୋର୍ଟଚାଲାଣ କରାଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ସାୟ କହିଛନ୍ତି।

# ଚିନ୍ତାରେ ଯାତ୍ରୀ,ଅଞ୍ଚଳବାସୀ

ଖଇରା,୧୯।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ପ୍ରମୁଖ ସଡ଼କ ପଥ ସୋର-କୁପାରୀ ପୂର୍ତ୍ତ ବିଭାଗ ରାସ୍ତାରେ ବହୁ ସଂଖ୍ୟକ ଚିପ୍ସ ଓ ପଥର ବୋଝେଇ ଟ୍ରକ୍ ଚଳଚଳାକୁ ନେଇ ଯାତ୍ରୀ ଓ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି। ଦିନତମାମ ବଡ଼ ବଡ଼ ଟ୍ରେଲର,ଡମ୍ପର ଏହି ରାସ୍ତାଦେଇ ୭୦ଟନରୁ ଉର୍ଦ୍ଧ୍ୱ ମାଲ ଖଣି ଓ କ୍ରସରରୁ ନେଇ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ବେଳେ ଏବେ ରାସ୍ତା ସଂଲଗ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆତଙ୍କିତ ଅବସ୍ଥାରେ ଯାତାୟାତ କରୁଛନ୍ତି। ୧୫ଦିନ ମଧ୍ୟରେ ରାସ୍ତାଟି ଭାଙ୍ଗିରୁଜି ଗଲାଣି। ତୁରନ୍ତ ଏହି ଭାରୀଯାନ ଚଳାଚଳ ନିଷିଦ୍ଧ କରିବାକୁ ବିଭିନ୍ନ ସଙ୍ଗଠନ ତଥା ଅଭିଭାବକମାନଙ୍କ ପକ୍ଷରୁ ଜିଲା ଆଞ୍ଚଳିକ



ରାସ୍ତାରେ ଚଳାଚଳ କରୁଥିବା ଭାରୀଯାନ।

ପରିବହନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ଉକ୍ତ ରାସ୍ତାଟି ପାଖାପାଖି ୩ବର୍ଷ ତଳେ ଶେଷ ହୋଇଥିଲା। ଦୈନିକ ହଜାର ହଜାର ଲୋକ ଏହି ରାସ୍ତାରେ ମୟୂରଭଞ୍ଜ, ବାଲେଶ୍ୱର,ଭଦ୍ରକ ଓ କେନ୍ଦୁଝରକୁ ଯିବା ଆସିବା କରନ୍ତି। ନିକଟରେ ଶାରିଶୁଆ ପାହଡ଼ରେ ବିଭିନ୍ନ ଖଣି ଖୋଳା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଛୋଟ ଛୋଟ ଟ୍ରକ୍ ଚିପ୍ସ, ମେଟାଲ ଓ ପଥର ବୋଝେଇ କରି ଯିବାଆସିବା ଆରମ୍ଭ କରିଥିଲେ। ଏବେ ୧୫ଦିନ ହେଲା ପଶ୍ଚିମବଙ୍ଗରୁ ୧୬ଚକ ଓ ୧୮ଚକ ବିଶିଷ୍ଟ ଗାଡ଼ି ଦୈନିକ ଶହ ଶହ ସଂଖ୍ୟାରେ ଯାତାୟାତ କରୁଥିବାରୁ

**ସୋର-କୁପାରୀ ରାସ୍ତାରେ ଭାରୀଯାନ ଚଳାଚଳ**

ରାସ୍ତା ନଷ୍ଟ ହେବାରେ ଲାଗିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ସଙ୍ଗୀତା ସାହୁଙ୍କୁ ପଚାରିବାରେ ୧୦ଟନ୍ ଲୋଡ୍ ନେବାପାଇଁ ଏହି ରାସ୍ତାର ସାମର୍ଥ୍ୟ ଥିବା ବେଳେ ୭୦ ଓ ୮୦ଟନ ବିଶିଷ୍ଟ ଗାଡ଼ି ବାହାର ରାଜ୍ୟକୁ ଚାଲାଣ କରାଯାଉଥିବାରୁ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଭାବ ପକାଇବା ନିଶ୍ଚିତ ବୋଲି କହିଛନ୍ତି। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜନ ଦଳବେହେରାଙ୍କୁ ପଚାରିବାରେ ଲିଖିତ ଭାବେ ଅଭିଯୋଗ କରାଗଲେ ଗାଡ଼ି ଚଳାଚଳ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଗହଣା କିଣି ଇ-ସ୍କୁଟର ପାଇଲେ

କେନ୍ଦୁଝର,୧୯।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାର ଭରଷାଯୋଗ୍ୟ ବିଏସ୍ ମଲରେ କନକ ଜୁଏଲେରିରେ ଧନତେରାସ ଓ ଦୀପାବଳୀ ପାଇଁ ଆକର୍ଷଣୀୟ ରିହାତି ଚାଲୁ ରହିଛି। ରବିବାର ଶେଷ ଦିନରେ କନକ ଜୁଏଲେରିରୁ ୭ ଲକ୍ଷ ଟଙ୍କାର ଗହଣା କିଣି ଯୋଡ଼ା ଅଞ୍ଚଳର ସୁଶାନ୍ତ ବେବର୍ତ୍ତା ଏକ ଇଲେକ୍ଟ୍ରିକ ସ୍କୁଟର ସମ୍ପୂର୍ଣ୍ଣ ମାଗଣାରେ ପାଇଛନ୍ତି।

# ଗୋରୁ ବୋଝେଇ ଭ୍ୟାନ୍ ଓଲଟି ହେଲ୍‌ପର ମୃତ

ଠାକୁରମୁଣ୍ଡା,୧୯।୧୧ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଜୁଆଳିକଟା ଛକ ନିକଟରେ ରବିବାର ସକାଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ବାଲିପୋଷି ଗ୍ରାମର ଆବୁଲି ନାୟକ(୩୫)। ବୋଝେଇ ହୋଇ ଯାଉଥିବା ଗୋରୁଙ୍କ ମଧ୍ୟରୁ ଗୋଟିଏ ବଳଦର ମଧ୍ୟ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ କେତୋଟି ଗୋରୁ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଭ୍ୟାନ୍‌ର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ପଟୁ ଉକ୍ତ ପିକ୍‌ଅପ୍ ଭ୍ୟାନ୍ ପ୍ରାୟ ୧୦/୧୨ ଗୋରୁଙ୍କୁ ବୋଝେଇ କରି କରଞ୍ଜିଆ ଆଡ଼କୁ ଯାଉଥିଲା। ଜୁଆଳିକଟା ଛକ ନିକଟରେ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବରପାଇ ଠାକୁରମୁଣ୍ଡା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଭ୍ୟାନ୍ ହେଲ୍‌ପରଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଗୋରୁଙ୍କ ଚିକିତ୍ସା ପାଇଁ ଘଟଣାସ୍ଥଳକୁ ପ୍ରାଣୀ ଚିକିତ୍ସାଳୟର ଆମ୍ବୁଲାନ୍ସ ଯାଇ ଚିକିତ୍ସା କରିଛି। ଏନେଇ ଠାକୁରମୁଣ୍ଡା ଥାନାରେ ମାମଲା (ନଂ.୧୦୨/୨୩) ରୁଜୁ ହୋଇଛି।

# ଆତ୍ମବିଶ୍ୱାସ ବଢ଼ାଏ, ରୋଜଗାରକ୍ଷମ କରାଏ ପ୍ରଶିକ୍ଷଣ



ଅତିଥିମାନଙ୍କ ସହିତ ଭାଗ ନେଇଥିବା ଛାତ୍ରୀଛାତ୍ର।

ବାଲେଶ୍ୱର,୧୯।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପିଜି କେନ୍ଦ୍ରୀୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱବିଦ୍ୟାଳୟ ଏବଂ ନନ୍ଦି ଫାଉଣ୍ଡେସନ୍, ହାଇଦ୍ରାବାଦ ମଧ୍ୟରେ ସ୍ୱାକ୍ଷର ହୋଇଥିବା ବୁଝାମଣାପତ୍ର ଅନ୍ତର୍ଗତ ମାସିକିଆ ତାଲିମ କାର୍ଯ୍ୟକ୍ରମ 'ମହିନ୍ଦ୍ରା ପ୍ରାଇଡ କ୍ଲାସରୁମ୍'ର ଉଦ୍‌ଯାପନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ୪୫୦ଜଣ ଛାତ୍ରୀ ୭ଟି ଗ୍ରୁପରେ ବିଭକ୍ତ ହୋଇ ଏହି ତାଲିମ ଗ୍ରହଣ କରିଥିଲେ। ପ୍ରତି ବିଭାଗରୁ ଜଣେ ଶ୍ରେଷ୍ଠ ଓ ୩ଜଣ ଛାତ୍ରୀ ଏହି ତାଲିମ କାର୍ଯ୍ୟକ୍ରମରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଥିଲେ। ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି 'ମହିନ୍ଦ୍ରା ପ୍ରାଇଡ କ୍ଲାସରୁମ୍'ର ଦୃଷ୍ଟିକୋଣ ହେଉଛି ଛାତ୍ରୀଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରକ୍ରିୟା ମାଧ୍ୟମରେ ଆତ୍ମବିଶ୍ୱାସ ବୃଦ୍ଧି କରି ରୋଜଗାରକ୍ଷମ ହେବାର କୌଶଳ ପ୍ରଦାନ କରାଇବା। ଯାହା ଦ୍ୱାରା ସେମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିପାରିବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡକ୍ଟର ନିହାର ରଞ୍ଜନ ରାଉତ, ନନ୍ଦି ଫାଉଣ୍ଡେଶନର ଆଞ୍ଚଳିକ ମୁଖ୍ୟ ଦେବନାଥ ବରାଳ, ରାଜ୍ୟ ସଂଯୋଜକ ମୁନ ମୁନ ସିଂ ପ୍ରମୁଖ ଉପସ୍ଥିତ ରହି ପଠନରତ ଛାତ୍ରୀମାନଙ୍କ ଜ୍ଞାନ ଆହରଣ ସହିତ ବ୍ୟକ୍ତିତ୍ୱର ବିକାଶ ଏବଂ ଯୋଗାଯୋଗ ଦକ୍ଷତା ପ୍ରଦାନ କରିବାର ଏହି ୩୬ଘଣ୍ଟିଆ ତାଲିମ କାର୍ଯ୍ୟକ୍ରମକୁ ଏକ ମାସ ମଧ୍ୟରେ ସଫଳତାର ସହ କାର୍ଯ୍ୟକ୍ଷମ କରାଇଛି। ଏହା ସେମାନଙ୍କ ପାଇଁ ଏକ ବିଶେଷ ଉପାଦେୟ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ସାମୂହିକ ବ୍ୟକ୍ତିତ୍ୱର ଉନ୍ନତୀକରଣ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ବିଶ୍ୱବିଦ୍ୟାଳୟ ସ୍ତରରେ ସମସ୍ତ ପ୍ରକାର ଗୁଣାତ୍ମକ ଉଦ୍ୟମ କରାଯିବ ବୋଲି ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ମୁଖ୍ୟ ଓ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ. ନିହାର ରଞ୍ଜନ ରାଉତ ସଂଚାଳନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଧାମନଗର,୧୯।୧୧
(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଚୁଡ଼ାକୁଟି ସରସତୀ ଶିଶୁମନ୍ଦିର ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଦ୍ୱାରା ସଂସ୍ଥାପିତ ଓ ପରିଚାଳିତ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିର, ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଥମରୁ ଦଶମ ମୋଟ ୨୧୯ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଚିତ୍ରଶିଳ୍ପୀ ଗୋପାଳ ଚରଣ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ଧାମନଗର ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ବୈକୁଣ୍ଠ ନାଥ ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଖବରଦାତା ସୁଧାକର ଦାଶ, ଅଧ୍ୟାପକ ପଙ୍କଜ ଦାସ ଏବଂ ଶିଶୁମନ୍ଦିର ପ୍ରତିଷ୍ଠାତା ବିବେକାନନ୍ଦ ପଣ୍ଡା ଯୋଗ ଦେଇଥିଲେ। ସତ୍ୟରଞ୍ଜନ ବେହେରା, ଆକାଶ ସାମଲ, ସ୍ୱୟଂଭୁ ପ୍ରସାଦ ଦାସ, ବୃନ୍ଦାବନ ସାହୁ, ସତ୍ୟପ୍ରିୟ ବେହେରା, ଶିବବ୍ରତ ପଣ୍ଡା, ଫିରୋଜ ଶାହା, ଗୁରୁମା ଗୁରୁଜୀ ସଞ୍ଜୟ ସେଠୀ, ପ୍ରମିଳା ବେହେରା, ଗୋପିକା ରାଣୀ ଦେ, ମାମିନା ରାଣୀ ପାଲ, ପ୍ରୀତିଜିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସମବାୟ ସପ୍ତାହ ଅବସରରେ ରକ୍ତଦାନ ଶିବିର



ଚାନ୍ଦବାଲି,୧୯।୧୧ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସିସ୍ଥିତ ଶିବଦୁର୍ଗା ସ୍କୁଲ ପରିସରରେ ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ରବିବାର ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୨ଟି ସେବା ସମବାୟ ସମିତି ସହଯୋଗରେ ଆୟୋଜିତ ଶିବିରକୁ ମୁଖ୍ୟଅତିଥି ଏସ୍‌ଏଆର୍‌ସିଏସ୍ ବସନ୍ତ କୁମାର ରଣା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରକାଶଜ୍ୟୋତି ମହାକୁଡ଼, ନୀଳଗିରି ଏସ୍‌ଏଆର୍‌ସିଏସ୍ ଆଲୋକ ବଲ୍ଲଭ ସାହାଣୀ ଓ ଚାନ୍ଦବାଲି ସମବାୟ ବ୍ୟାଙ୍କ ପରିଚାଳକ ଗୁରୁପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଶିବିରରେ ମୋଟ ୯୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଅଜୟ ପଲେଇ, ବିଦ୍ୟାଧର ସାହୁ, ସରଜୁସଲିଳ ପଲାଇ, ତ୍ରିଲୋଚନ ପତ୍ରୀ, ପ୍ରଦୀପ ରାଉତ, ଅମରେନ୍ଦ୍ର ପାଢ଼ୀ, ରାଧାରାଣୀ ମାଝୀ ପ୍ରମୁଖ ସମ୍ପାଦକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ମା' ଶ୍ୟାମାକାଳୀଙ୍କ ଭସାଣି

ଢେଙ୍କିକୋଟ,୧୯।୧୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ କାଳୀପୂଜା କମିଟି ତରଫରୁ ଚଳିତ ବର୍ଷ ମଣ୍ଡପରେ ମା' ଶ୍ୟାମାକାଳୀଙ୍କ ପୂଜା ହେଉଥିଲା। ରବିବାର କମିଟି ତରଫରୁ ମାଆଙ୍କୁ ମେଲାଣି ଦିଆଯାଇଛି। ଅପରାହ୍ନ ୨ ଟା ବେଳେ କମିଟିର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଏକତ୍ରିତ ହୋଇ ମାଆଙ୍କ ମୃଣ୍ମୟ ମୂର୍ତ୍ତିକୁ ଟ୍ରାକ୍ଟର ସାହାର୍ଯ୍ୟରେ ମଣ୍ଡପରୁ ନେଇ ଢେଙ୍କିକୋଟ ବଜାର, ସାହିବସ୍ତି ପରିକ୍ରମା କରିଥିଲେ। ଓଡ଼ିଆ ଜନଜାତି, ହୋ ସମ୍ପ୍ରଦାୟର ମହିଳା, ପୁରୁଷ ନୋଟା ନାଚ ମୁଖ୍ୟ ଆକର୍ଷଣ ହୋଇଥିଲା। ପୁରୁଷଙ୍କ ମାଦଳ ତାଳେ ତାଳେ ହୋ ସମ୍ପ୍ରଦାୟର ମହିଳା ମୁଣ୍ଡ ଉପରେ ରଙ୍ଗିନ ନୋଟା ରଖି ପାଦରେ ପାଦକୁ ମିଶାଇ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ମାଆଙ୍କୁ ସାହିବସ୍ତିରେ ବନ୍ଦାପନା କରି ମହିଳାମାନେ ମେଲାଣି ଜଣାଇଛନ୍ତି। ସନ୍ଧ୍ୟା ୭ ଘଟିକାରେ ମାଆଙ୍କ ମୃଣ୍ମୟ ମୂର୍ତ୍ତିକୁ ନେଇ ପବିତ୍ର ପୁଣ୍ୟତୋୟ ସୀତା ନଦୀରେ ଭସାଣି କରାଯାଇଛି। ଶାନ୍ତି ଶୃଙ୍ଖଳା ନିମନ୍ତେ ଢେଙ୍କିକୋଟ ବିଟ ହାଉସ ଅଧିକାରୀ ସୁରଥ ଚନ୍ଦ୍ର ଦେହୁରୀ ସଦଳବଳେ ଉପସ୍ଥିତ ରହିଥିଲେ।



# ଯାଦବ ଶୌର୍ଯ୍ୟ ଦିବସ

ଭଦ୍ରକ, ୧୯।୧୧(ରବିନାରାୟଣ ଖିଲାର)

ଭଦ୍ରକର ହାପିହୋମ ସ୍କୁଲ ପରିସରରେ ଜିଲା ଯୁବ ଯାଦବ ମହାସଭା ପକ୍ଷରୁ 'ଯାଦବ ଶୌର୍ଯ୍ୟ ଦିବସ' ପାଳନ କରାଯାଇଛି। ସଭାପତି ରବିନାରାୟଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଯାଦବ ସଭାପତି ସୁଧାଂଶୁ ନାୟକ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ଯାଦବ ସାଧାରଣ ସମ୍ପାଦକ ଅମର ନାୟକ, ଜିଲା ଯୁବ ଯାଦବ ଉପସଭାପତି ସଞ୍ଜୀବ ନାୟକ, ସାଧୁ ଚରଣ ବାରିକ, ବସନ୍ତ ବାରିକ, ହରିତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅଖିଳ ଭାରତ ବର୍ଷ ଯାଦବ ମହାସଭା ପ୍ରତିବର୍ଷ ନଭେମ୍ବର ୧୮କୁ 'ରେଜାଙ୍ଗ ଲା ଯାଦବ ଶହୀଦ'ଙ୍କ ସ୍ମୃତିରେ ଯାଦବ ସାହସିକତା ଦିବସ ବା ଯାଦବ ଶୌର୍ଯ୍ୟ ଦିବସ ଭାବେ ପାଳନ କରି ଆସୁଛି ବୋଲି ସେମାନେ ପ୍ରକାଶ କରିଥିଲେ।

# 'ଗରିବଙ୍କ ସ୍ୱର ଥିଲା ସତ୍ୟପ୍ରିୟଙ୍କ କଲମ'



ଦିବଂଗତ ଖବରଦାତା ସତ୍ୟପ୍ରିୟ ମହାନ୍ତିଙ୍କ ଏକାଦଶାହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବାସୁଦେବପୁର, ୧୯।୧୧
(ନାରାୟଣ ପ୍ରସାଦ ବାରିକ୍)

ଓଡ଼ିଶାର ପ୍ରତିଷ୍ଠିତ କବି ତଥା ବରିଷ୍ଠ ଖବରଦାତା ସତ୍ୟପ୍ରିୟ ମହାନ୍ତିଙ୍କ ଏକାଦଶାହରେ ବାସୁଦେବପୁର ବାଖରପୁରସ୍ଥିତ ତାଙ୍କ ବାସଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସତ୍ୟପ୍ରିୟ ଜଣେ ସଫଳ ଚିତ୍ରକର, କଣ୍ଠଶିଳ୍ପୀ ଓ ସାରସ୍ୱତ ସାଧକ ଥିଲେ। ଜଣେ ସାମ୍ବାଦିକ ଭାବେ ସେ ନିର୍ଭୀକ, ସତ୍ୟନିଷ୍ଠ ହୋଇ କାର୍ଯ୍ୟ କରୁଥିଲେ। ତାଙ୍କ କଲମ ସବୁବେଳେ ଗରିବଙ୍କ ସ୍ୱର ଥିଲା ବୋଲି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଅତିଥିମାନଙ୍କ ସହ 'ସବୁଜ ପ୍ରିୟ ସତ୍ୟପ୍ରିୟ' ସ୍ମରଣିକା ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ଖବରଦାତା ଅପର୍ଣ୍ଣା ପଣ୍ଡା, ବିପ୍ଳବ କୁମାର ମହାନ୍ତି, ମାନସ ବିଶ୍ୱାଳ, ରତିକାନ୍ତ ପାତ୍ର, ନିରଞ୍ଜନ ଦାସ, ଉପାସକ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, ଶିବଦାସ କୁଣ୍ଡୁ, କଞ୍ଚମଣି ସ୍ୱାଇଁ, ସାମାଜିକ କର୍ମୀ ବୈଲୋଚନ ଜେନା, ସ୍ରଷ୍ଟା ଓ ସୃଷ୍ଟି ସଭାପତି ଦୁଃଶାସନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବାସୁଦେବପୁର ସାମ୍ବାଦିକ ସଂଘ ସମ୍ପାଦକ ନାରାୟଣ ପ୍ରସାଦ ବାରିକ୍, ସଙ୍ଗଠନ ସମ୍ପାଦକ ଉଦୟ ଜେନା, ପ୍ରହ୍ଲାଦ ବାରିକ୍, ଆଇନଜୀବୀ ପ୍ରଦୀପ ମହାନ୍ତି, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, କାଉନସିଲର ଭକ୍ତରଞ୍ଜନ ପଟ୍ଟନାୟକ, କାର୍ତ୍ତିକ ଖିଲାର, ବାଲେଶ୍ୱର ଜିଲା ପରିଷଦର ପୂର୍ବତନ ସଭାପତି ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଗୌରାଙ୍ଗ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସତ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସରିଲା କୃଷି କର୍ମଶାଳା

ବାହାନଗା,୧୯।୧୧
(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଉଦ୍ୟାନ ବିଭାଗର କୃଷି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ବୁଧବାରଠାରୁ ଏହି କାର୍ଯ୍ୟକ୍ରମ ବାହାନଗା ଭେନସ ଇଞ୍ଜିନିୟରିଂ କଲେଜ ପରିସରରେ ଚାଲିଥିଲା। ୩ ଦିନିଆ ଏହି କାର୍ଯ୍ୟକ୍ରମରେ ବାହାନଗା ବ୍ଲକ ଉଦ୍ୟାନ ବିଭାଗର ଅଧିକାରୀ ସୂର୍ଯ୍ୟପ୍ରକାଶ ମିଶ୍ର ପୌରହିତ୍ୟ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ତପନ କୁମାର ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଅତିରିକ୍ତ କୃଷି ଅଧିକାରୀ ରଙ୍ଗନାଥ ପାତ୍ର, ବାହାନଗା ଗୋପାଳପୁର ପ୍ରାଣୀ ଚିକିତ୍ସାଳୟର ଚିକିତ୍ସକ ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ୧୮ନଂ. ଜୋନ ଜିଲା ପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ଚାଷୀ ରବିନାରାୟଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପନିପରିବା, ମାଛ ଚାଷ, ଗାଈ, କୁକୁଡ଼ା, ଫୁଲ, ଫଳ ଚାଷ କଲେ ନିଶ୍ଚିତ ଚାଷୀମାନଙ୍କର ଆର୍ଥିକ ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍ୟାନ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ।

# ବିନା ଫାଇଲରେ ସରକାରୀ ଅନୁଦାନ

## ପିଛିଲା ତାରିଖରେ ଦସ୍ତଖତ କରୁଛନ୍ତି ପୂର୍ବତନ ବିଡିଓ

ହାଟଡ଼ିହୀ,୧୯।୧୧(ଶୁଭକାନ୍ତ ନାୟକ)

ସରକାରୀ ଯୋଜନାକୁ କାର୍ଯ୍ୟକାରୀ ଏବଂ ଅଗ୍ରଗତି କରିବା ନେଇ ସରକାର ବିଭିନ୍ନ ନୀତି ନିୟମ ପ୍ରଣୟନ କରୁଛନ୍ତି। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ତାହା କାର୍ଯ୍ୟକାରୀ ହେଉନି। ବ୍ଲକ୍‌ର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କଠାରୁ ଆବଶ୍ୟକ କାଗଜପତ୍ର ସଂଗ୍ରହ କରା ନ ଯାଇ ପ୍ରଥମ କିସ୍ତି ଟଙ୍କା ବ୍ୟାଙ୍କ ଜମା ବହିକୁ ପ୍ରେରଣ କରାଯାଇଛି। ଉକ୍ତ ଘଟଣା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଆନନ୍ଦପୁର ଭାଜପା ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ ଘଟଣାରେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବ୍ଲକ୍ ଅଧୀନରେ ୩୧ ପଞ୍ଚାୟତରେ ନୂତନ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ଲେଖାଏ ଅନୁଦାନ ପ୍ରଦାନ କରାଯାଇଛି। କିନ୍ତୁ ଅନୁଦାନ ପ୍ରେରଣ ପୂର୍ବରୁ ହିତାଧିକାରୀଙ୍କଠାରୁ ଆବଶ୍ୟକ କାଗଜପତ୍ର ସଂଗ୍ରହ କରି ଫାଇଲ ପ୍ରସ୍ତୁତ କରାଯାଇନି। ପ୍ରଥମ କିସ୍ତି ଅନୁଦାନ ପ୍ରେରଣ ଏବଂ ଅନୁମୋଦନ, ବିଲ୍ ଓ ଅର୍ଡର ଶିଟ୍‌ରେ ଦସ୍ତଖତ ମଧ୍ୟ ହୋଇନି। ଘଟଣା ଧରା ପଡ଼ିଯିବା ଭୟରେ ବିଭିନ୍ନ ପଞ୍ଚାୟତରେ ଜିଆର୍‌ଏସ୍ ଏବଂ ପିଇଓମାନେ ଫାଇଲ ପ୍ରସ୍ତୁତ କରିବା ପାଇଁ ହିତାଧିକାରୀଙ୍କଠାରୁ କାଗଜପତ୍ର ସଂଗ୍ରହ କରୁଛନ୍ତି। ତେବେ ଫାଇଲ ପ୍ରସ୍ତୁତ ହୋଇ ନ ଥିବାରୁ ଏପରି ସ୍ଥିତିରେ ଦ୍ୱିତୀୟ କିସ୍ତି ହିତାଧିକାରୀଙ୍କୁ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ପୂର୍ବତନ ବିଡିଓଙ୍କ ଦସ୍ତଖତକୁ କର୍ମଚାରୀ ନକଲ କରି ଫାଇଲ ପ୍ରସ୍ତୁତ କରୁଥିବା କେତେ ଜଣ ବ୍ଲକ୍ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି । ଅପରପକ୍ଷେ ବ୍ଲକ୍ ଅଧୀନ ଜିଆର୍‌ଏସ୍ ଏବଂ ପିଇଓମାନଙ୍କ ରିପୋର୍ଟକୁ ଉପେକ୍ଷା କରି ଅଯୋଗ୍ୟ ହିତାଧିକାରୀଙ୍କୁ ଅନୁଦାନ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ହାଟଡ଼ିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ପୂର୍ବତନ ବିଡିଓଙ୍କ ସମୟରେ ଏପରି ଘଟିଛି। ସେ ଦାୟିତ୍ୱ ଗ୍ରହଣ ଦିନଠାରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଫାଇଲରେ ଦସ୍ତଖତ କରୁଛନ୍ତି । ପୂର୍ବରୁ ଥିବା ଫାଇଲରେ ଦସ୍ତଖତ ହୋଇନି, ସେ ସବୁରେ ସେ ପିଛିଲା ତାରିଖରେ ଦସ୍ତଖତ କରିବେନି ବୋଲି କହିଥିଲେ। ପୂର୍ବତନ ବିଡିଓ ତଥା ବର୍ତ୍ତମାନର ହିନ୍ଦୋଳ ବିଡିଓ ବିନିତା ବିଜୟିନୀ କହିଛନ୍ତି, ତାଙ୍କ ଅନୁମତିରେ ହିତାଧିକାରୀଙ୍କ ଜମା ବହିକୁ ଅନୁଦାନ ଅନ୍‌ଲାଇନରେ ପ୍ରେରଣ କରାଯାଇଛି। ସେହି ସମୟରେ ତାଙ୍କର ବଦଳି ହୋଇଯିବାରୁ ଫାଇଲରେ ଦସ୍ତଖତ ହୋଇପାରି ନ ଥିଲା। ଏବେ ଛୁଟି ଦିନଗୁଡ଼ିକରେ ହାଟଡ଼ିହୀ ବ୍ଲକ୍‌ର ଅନେକ ଫାଇଲରେ ଦସ୍ତଖତ କରୁଥିବା କହିଛନ୍ତି। ଆଉ କିଛି ଫାଇଲ ଅଛି, ସେ ସବୁ ଦସ୍ତଖତ କରି ପଠାଇ ଦେବେ। ଏଥିସହ ଏପରି ଘଟଣା କେବଳ ହାଟଡ଼ିହୀ ବ୍ଲକ୍ ନୁହେଁ, ଓଡ଼ିଶାର ଅନେକ ବ୍ଲକ୍‌ରେ ହେଉଛି ବୋଲି କହିଥିଲେ।

## ନାବାଳିକାଙ୍କୁ ଅପହରଣ ମାମଲାରେ ଯୁବକ ଗିରଫ

ହାଟଡ଼ିହୀ,(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଞ୍ଚଳରୁ ନାବାଳିକାଙ୍କୁ ଅପହରଣ ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଭଦ୍ରକ ଜିଲା ରୁରାଲ ଥାନା ବେନ୍ତାଳିଆ ଗ୍ରାମର ହେମନ୍ତ ମଲ୍ଲିକ। ୨୦୨୨ରେ ହେମନ୍ତ ନାବାଳିକାଙ୍କୁ ଅପହରଣ କରି ନେଇ ପ୍ରଥମେ ତାମିଲନାଡୁ ପରେ ନିଜ ଘରେ ଆଣି ରଖିଥିଲେ। ନାବାଳିକାଙ୍କ ଏକ ମାସର ପୁତ୍ର ସନ୍ତାନ ଥିବା ବେଳେ ତାଙ୍କୁ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିଲେ। ଏନେଇ ଅଭିଯୋଗ ଆଧାରରେ ଏକ ମାମଲା(ନଂ. ୩୩୨/୮ ଅକ୍ଟୋବର ୨୦୨୨)ରୁଜୁ ହୋଇଥିଲା।

### ଆଜି କ'ଣ କେଉଁଠି

ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦।
- ଯୁବ ଉନ୍ନତି କାର୍ଯ୍ୟକ୍ରମ, ସ୍ଥାନ: କଲେଜ ପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜି ଆସିବେ ରାଷ୍ଟ୍ରପତି

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ରାଇରଙ୍ଗପୁର (ମାନସ ମହାନ୍ତି), ୧୯।୧୧

### ତ୍ରୁଟିର ପୁନରାବୃତ୍ତି ନ ହେବାକୁ ଚାଲିଛି ପ୍ରୟାସ



ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପଡ଼ିଆରେ ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ କରାଯାଉଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ନିଜ ଜନ୍ମ ମାଟିକୁ ଦ୍ୱିତୀୟ ଥର ଆସୁଛନ୍ତି। ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତର ପ୍ରଥମ ଦିବସରେ ବାରିପଦା ଶହୀଦ ସ୍ମୃତି ଭବନରେ ସାନ୍ତାଳୀ ଲେଖକ ସମ୍ମିଳନୀ ଏବଂ କୁଳିଅଣା ବ୍ଲକସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିବେ। ଏନେଇ ଦୁଇଟି ସ୍ଥାନରେ ବ୍ୟାପକ ପ୍ରସ୍ତୁତି ଶେଷ ହୋଇ ରାଷ୍ଟ୍ରପତିଙ୍କ ଅପେକ୍ଷାରେ ଗସ୍ତସ୍ଥଳ ସଜେଇ ହୋଇଛି। ପୂର୍ବ ଥର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଯେଉଁଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ଉଦ୍‌ବେଗ ପ୍ରକାଶ ପାଇଥିଲା, ସେହିଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ପ୍ରସ୍ତୁତିକୁ ନେଇ ଜିଲା ପ୍ରଶାସନ ଓ ସୁରକ୍ଷାକୁ ନେଇ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି।

ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ଜନ୍ମମାଟି ସଜେଇ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ କାର୍ଯ୍ୟକ୍ରମର ଚୂଡ଼ାନ୍ତ ପ୍ରସ୍ତୁତି ଶେଷ ହେବାରେ ଲାଗିଛି। ବାରିପଦାର ରିଜର୍ଭ ପୋଲିସ ପଡ଼ିଆରେ ତିନୋଟି ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଛି। ଶନିବାର ଓ ରବିବାର ବାୟୁ ସେନାର ଅଧିକାରୀମାନେ ହେଲିପ୍ୟାଡ୍‌ର ଯାଞ୍ଚ କରିବା ସହ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ସ୍ଥଳୀଗୁଡ଼ିକ ରଙ୍ଗିନ ଭାବେ ସାଜସଜ୍ଜା କରାଯାଇଛି। ରାସ୍ତା, ଆଲୋକ, ପାନୀୟ ଜଳ ଓ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ସୁରକ୍ଷା ଦାୟିତ୍ୱରେ ୩୩ ପ୍ଲାଟୁନ ଫୋର୍ସ ଓ ୨୦୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସନ୍ଧାନୀ କୁକୁର ଓ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ କରାଯାଇ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ଜନ୍ମମାଟିକୁ ଆସି ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ଦେବା ସମୟରେ ୯ମିନିଟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଦେଶର ପ୍ରଥମ ନାଗରିକଙ୍କ କାର୍ଯ୍ୟକ୍ରମରେ ଏଭଳି ସାଂଘାତିକ ତ୍ରୁଟିକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା। ଏପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଦାଣ୍ଡବୋଷସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍ ପରିସର, ପୂର୍ତ୍ତ ବିଭାଗର ଡାକବଙ୍ଗଳା, ରାଷ୍ଟ୍ରପତିଙ୍କ ନିଜ ବାସଭବନ, ଶହୀଦ ସ୍ମୃତି ଭବନ ଓ ଏକଲବ୍ୟ ଆବାସିକ ବିଦ୍ୟାଳୟରେ ବିଦ୍ୟୁତ୍ ବିଭ୍ରାଟ ନ ହେବା ପାଇଁ ଟିପିଏନ୍‌ଓଡିଏଲ୍‌ର ଉପରିସ୍ଥ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିଛନ୍ତି। କାର୍ଯ୍ୟକ୍ରମ ସ୍ଥଳୀଗୁଡ଼ିକରେ ଉଚ୍ଚ କ୍ଷମତା ସମ୍ପନ୍ନ ଡିଜି (ଜେନେରେଟର) ବ୍ୟବସ୍ଥା କରାଯାଇଛି। ଗସ୍ତ ସମୟରେ କୌଣସି ତ୍ରୁଟି ନ ହେବା ପାଇଁ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ଏସ୍‌ପି ଏସ୍.ସୁଶ୍ରୀ, ଜିଲାପାଳ ବିନୀତ ଭରଦ୍ୱାଜ ଓ ଅତିରିକ୍ତ ଜିଲାପାଳ ଉପସ୍ଥିତ ରହି କାର୍ଯ୍ୟକ୍ରମର ସ୍ଥିତି ପରଖିବା ସହ ଯାଞ୍ଚ କରିଛନ୍ତି।

## ସୁବୋଧ ସଭାପତି, ମଧୁସୂଦନ ସମ୍ପାଦକ




ବଡ଼ବିଲ ପ୍ରେସ କ୍ଲବ୍‌ର ନବ ନିର୍ବାଚିତ କର୍ମକର୍ତ୍ତା।

ବଡ଼ବିଲ,୧୯।୧୧(ଦେବପ୍ରିୟ ରଣା)

### ବଡବିଲ ପ୍ରେସ୍ କ୍ଲବ୍ କର୍ମକର୍ତ୍ତା ନିର୍ବାଚନ

କେନ୍ଦୁଝର ଜିଲା ବଡ଼ବିଲ ପ୍ରେସ୍ କ୍ଲବ୍‌ର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଛି। କ୍ଲବ୍‌ର ସଭାପତି ଭାବେ ସୁବୋଧ ଦାସ, ସମ୍ପାଦକ ମଧୁସୂଦନ ସାହୁ, ଉପସଭାପତି ଅଂଶୁମାନ ପ୍ରଧାନ, ଯୁଗ୍ମ ସମ୍ପାଦକ ମକରଧ୍ୱଜ ବାଗ ଓ କୋଷାଧ୍ୟକ୍ଷଭାବେ ସୀତାରାମ ଦିକ୍ଷୀତ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ସଦସ୍ୟ ତଥା ନିର୍ବାଚନ ଅଧିକାରୀ ବଳରାମ ମହାନ୍ତି ନିର୍ବାଚନ ପରିଚାଳନା କରିଥିଲେ। ଗତ ଶୁକ୍ରବାର ନାମାଙ୍କନ ପତ୍ର ବିକ୍ରି, ଶନିବାର ନାମାଙ୍କନ ପତ୍ର କାଏମ ଏବଂ ପ୍ରତ୍ୟାହାର ପ୍ରକ୍ରିୟା ପରେ ପ୍ରତ୍ୟେକ ପଦବୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ଜଣାପଡ଼ିଥିଲା। ରବିବାର ଦିନ ବିଧିବଦ୍ଧ ଭାବେ ଫଳାଫଳ ଘୋଷଣା ହୋଇଥିବା ଜଣାପଡ଼ିଛି।

## ବଡ଼ସାହି ବ୍ଲକ୍ ସାମ୍ବାଦିକ ସଂଘ ଗଠିତ

ବଡ଼ସାହି,୧୯।୧୧(ସମ୍ବିତ କୁମାର ରାଉତ): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍‌ର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ସ୍ଥାନୀୟ ଖବରଦାତାମାନଙ୍କର ଏକ ବୈଠକ ବସି ନୂତନ ସଂଘ ଗଠନ କରାଯାଇଛି। ବଡ଼ସାହି ବ୍ଲକ୍ ସାମ୍ବାଦିକ ସଂଘ ନାମରେ ନାମିତ ହୋଇଥିବା ବେଳେ ସଭାପତିଭାବେ ଦୀପକ ବୁଗୁଡ଼େଇ, ସମ୍ପାଦକ ଛତିଶ ସାହୁ, କୋଷାଧ୍ୟକ୍ଷ ସମ୍ବିତ ରାଉତ, ଉପ ସଭାପତି ନିରଞ୍ଜନ ମହାନ୍ତ, ସହ ସମ୍ପାଦକ ସଞ୍ଜୀବ ମହାନ୍ତ, ଉପଦେଷ୍ଟାଭାବେ ବରିଷ୍ଠ ଖବରଦାତା ଶାନ୍ତନୁ ପଣ୍ଡା ଓ ନିହାର ରଞ୍ଜନ ମହାପାତ୍ରଙ୍କୁ ଚୟନ କରାଯାଇଥିବା ବେଳେ ସାମ୍ବାଦିକ ଆଦିତ୍ୟ ବେହେରା, ଅରୁଣ ପାତ୍ର, ପର୍ଶୁରାମ ବେହେରା, ପଦ୍ମଲୋଚନ ମହାନ୍ତ, ବରଦା ମହାନ୍ତ, ଅଜିତ ମହାରଣା, ସୁବାଶିଷ ଚୌଧୁରୀ, ସୁରେଶ ପତି, ସୂର୍ଯ୍ୟକାନ୍ତି ପୁହାଣ, ପ୍ରମୁଖ ଉପସ୍ଥିତ ଥିଲେ।

## ଛଟ୍ ପୂଜା ପାଳିତ

ରାଇରଙ୍ଗପୁର,୧୯।୧୧(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ବିହାରୀ ସମ୍ପ୍ରଦାୟ ପକ୍ଷରୁ ରବିବାର ପରମ୍ପରା ଅନୁଯାୟୀ ପ୍ରସିଦ୍ଧ ଛଟ ପୂଜା ପାଳନ କରାଯାଉଛି। ଛଟ ପୂଜା ପାଳନ ପ୍ରଥମ ଦିବସ ସନ୍ଧ୍ୟା ସୂର୍ଯ୍ୟାସ୍ତ ବେଳେ ସ୍ଥାନୀୟ ସହରାଞ୍ଚଳ ନିକଟସ୍ଥ ଖଡ଼ଖାଇ ନଦୀ ଘାଟରେ ଶତାଧିକ ବ୍ରତଧାରୀ, ଯୁବତୀ, ଯୁବକ, ମହିଳା, ପୁରୁଷ ନଦୀ ଜଳରେ ବୁଡ଼ ପକାଇ ସୂର୍ଯ୍ୟାସ୍ତ ସୂର୍ଯ୍ୟଙ୍କ ନିକଟରେ ଘିଅ ଦୀପ ଅର୍ଘ୍ୟ ସହ ପ୍ରସିଦ୍ଧ ଠେକୁଆ ପିଠା ସମେତ ବିଭିନ୍ନ ଫଳ ଭୋଗ ଅର୍ପଣ କରିଥିଲେ। ସୋମବାର ଭୋର ସକାଳ ସୂର୍ଯ୍ୟ ଉଦୟ ସମୟରେ ପୂଜା ଅର୍ଚ୍ଚନା କରି ପୂଜା ସମାପନ କରିବା କାର୍ଯ୍ୟକ୍ରମ ରହିଛି।

## ବୀଣାପାଣି କଳାନିକେତନ କଳାକାରଙ୍କ 'କାଳୀତାଣ୍ଡବ' ପ୍ରଦର୍ଶନ

କେନ୍ଦୁଝର,୧୯।୧୧(ଦୀପକ ମିଶ୍ର)




ବୀଣାପାଣି କଳାନିକେତନର କଳାମାରମାନେ।

ବୀଣାପାଣି କଳାନିକେତନ ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ କାଳୀପୂଜା ମଞ୍ଚରେ ନୃତ୍ୟାଭିନୟ 'କାଳୀତାଣ୍ଡବ' ପ୍ରଦର୍ଶିତ ହୋଇଛି। ମୋ ଗାଁର କଥା, ସମ୍ବଲପୁରୀ, ପଲ୍ଲୀ ନୃତ୍ୟକୁ ନୃତ୍ୟଶିଳ୍ପୀ ଦେବାଙ୍ଗୀ ସେନାପତି, ସୁଶ୍ରୀ ସ୍ମାରକୀ, ମୋନିକା ଦାଶ, ସୁପ୍ରଭା ପ୍ରଧାନ, ଇତିଶ୍ରୀ ଓଝା, ଦେବାଂଶୀ ପାତ୍ର, ଅମ୍ରିତା ପରିଡ଼ା, ଦେବବ୍ରୁଟି ପଟ୍ଟନାୟକ, ସୁଶ୍ରୀ ପାଢ଼ୀ, ପଲକ ରାଠି, ଚିନ୍ମୟୀ ସାହୁ, ସୁନନ୍ଦିନୀ ସେନାପତି, ବିନୋଦ ଓଝା ନୃତ୍ୟ ଉପସ୍ଥାପନା କରି ଦର୍ଶକମାନଙ୍କ ମନକୁ ମୋହିଥିଲେ। ଜିଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ, ଟାଟା ପାୱାରର ଅଧିକ୍ଷଣ ଯନ୍ତ୍ରୀ ରଶ୍ମିକାନ୍ତ ବେହେରା, ବରିଷ୍ଠ ସାମ୍ବାଦିକ ଦେବାଶିଷ ମିଶ୍ର, ମା' କାଳୀପୂଜା କମିଟିର ବରିଷ୍ଠ ସଦସ୍ୟ ଗିରିଧାରୀ ସାହୁ ପ୍ରମୁଖ ନୃତ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନଙ୍କୁ ଉପଢ଼ୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଶିକ୍ଷକମାନେ ଐକ୍ୟବଦ୍ଧ ହେବାକୁ ଆହ୍ୱାନ

### ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୋଗରାଇ,୧୯।୧୧(ପ୍ରଦୀପ ଦାସ)

ଶିକ୍ଷା ମାନବ ସଭ୍ୟତା ଅଗ୍ରଗତିର ଚାବିକାଠି। ଶିକ୍ଷକ ସମାଜର ସ୍ୱାର୍ଥ ନିମନ୍ତେ ସମସ୍ତ ଶିକ୍ଷକ ଐକ୍ୟବଦ୍ଧ ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୧୧୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଆହ୍ୱାନ ଦେଇଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଆରଆଇଏଚ୍‌ଏସ୍ ମହାବିଦ୍ୟାଳୟ ଅଡିଟୋରିୟମ ଗୃହରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଓଡ଼ିଶାର ମିଳିତ ଶିକ୍ଷକ ଆନ୍ଦୋଳନ ଇତିହାସର ବନମାଳୀ ବ୍ରହ୍ମଚାରୀ ଶୀର୍ଷକ ଆଲୋଚନା ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଯୋଜନାବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘର ସଭାପତି ବିକ୍ରମ କୁମାର ଦାସ ପୌରହିତ୍ୟ କରିଥିଲେ। ସଂଗଠନର ଉପସଭାପତି ବିଜୟ କୁମାର ଦ୍ୱିବେଦୀ ଜୟନ୍ତୀ ସମାରୋହର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଶାରଦା ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାର ସିଂ ଦାସ, ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ଇନ୍ଦୁ ମାଧବ ମହାନ୍ତି, ଜିଲା ସଭାପତି ମନୋରଞ୍ଜନ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି ପ୍ରମୁଖ ଯୋଗ ଦେଇଥିଲେ।

## ଜେଏସ୍‌ଡବ୍ଲ୍ୟୁ ଖଣି ଫାଟକ ଆଗରେ ଧାରଣା ଅବ୍ୟାହତ

ଯୋଡ଼ା,୧୯।୧୧(ମାନସ ମହାନ୍ତି)

- ଖଣି ପ୍ରଭାବିତଙ୍କୁ ଅଣଦେଖା ଅଭିଯୋଗ
- ୮ ଦିନ ପରେ ବି ସମାଧାନର ବାଟ ଫିଟୁନି

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ତଥା ଯୋଡ଼ା ବ୍ଲକ୍‌ର ଗୁଆଲି ଲୋଇଡ଼ା ପଦାଗ୍ରାମ ପଞ୍ଚାୟତସ୍ଥିତ ଜେଏସଡବ୍ଲ୍ୟୁ(ଜିନ୍ଦର ସାଉଥ୍ ୱେଷ୍ଟ) ନୂଆଁ ଗାଁ ଖଣିରେ ଦୀର୍ଘ ଆଠ ଦିନ ଧରି ଗ୍ରାମବାସୀମାନେ ଧାରଣାରେ ବସିଛନ୍ତି। ଖଣି ପ୍ରଭାବତି ଓ ସ୍ଥାନୀୟ ଲୋକଙ୍କୁ ଅଣଦେଖା ଆଦି ଅଭିଯୋଗରେ ନଭେମ୍ବର ୧୦ରୁ ଗୁଆଲି, ଲୋଇଡାପଦା ଗ୍ରାମବାସୀଙ୍କ ସମେତ ମା' ତାରିଣୀ ଟ୍ରକ୍ ମାଲିକ ସଂଘର ଶତାଧିକ ସଦସ୍ୟ ନେଇ କମ୍ପାନୀର ଗେଟ ସମ୍ମୁଖରେ ଧାରଣା ଦେଉଛନ୍ତି। ମୁଖ୍ୟତଃ ଦୁଇ ପଞ୍ଚାୟତର ସରପଞ୍ଚ ବିଳାସିନୀ ଓରାମ, ବିଦ୍ୟାଧର ନାଏକ, ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଜିଲା ବିଜେଡ଼ି ଉପ ସଭାପତି କୁଶ ଆପଟଙ୍କ ସମେତ ଆଦିବାସୀ ନେତା ଡବର ମୁଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ। ଖଣିର ବରିଷ୍ଠ ଅଧିକାରୀ ସୁବ୍ରତ ସାହୁ ଓ ମାନବ ସମ୍ବଳ ଅଧିକାରୀ ଜିତେନ୍ଦ୍ର ନନ୍ଦ ଆଲୋଚନା ମାଧ୍ୟମରେ ଅଞ୍ଚଳବାସୀଙ୍କ ଦ୍ୱାରା ଉପସ୍ଥାପିତ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ମାତ୍ର ଏଯାବତ୍ କୌଣସି ଆଲୋଚନା କରାଯାଇନାହିଁ ବୋଲି ଧାରଣାରତ ମହେଶ୍ୱର ଆପଟ, ସନ୍ତୋଷ ଘଣା, ଅଶୋକ ନାଏକ, ମନୋରଞ୍ଜନ ମହାପାତ୍ର, ରଥ ମହାକୁଡ଼, ମିଟୁ ଆପଟ, ବାହାଦୁର ସୋରେନ ପ୍ରମୁଖ କହିଛନ୍ତି। ପାଳି କରି ଅଞ୍ଚଳବାସୀ ଗେଟ୍ ସମ୍ମୁଖରେ ଧାରଣା ଦେଉଛନ୍ତି। ଗ୍ରାମବାସୀମାନେ କହିଛନ୍ତି, ପ୍ରଶାସନ ହସ୍ତକ୍ଷେପ କରି ଅବିଳମ୍ବେ ସମସ୍ୟାର ସମାଧାନ କରିବା ଉଚିତ୍। ଜେଏସଡବ୍ଲ୍ୟୁ କମ୍ୟୁନିକେଶନ ଅଧିକାରୀ ଦିପଚାନ୍ଦ ବିହାରୀ କହିଛନ୍ତି, ଏ ବାବଦରେ ଜାଣିନାହାନ୍ତି, ସେ ବୁଝି ଜଣାଇବେ।

## ୭୧୨ ହିତାଧିକାରୀଙ୍କୁ ବଣ୍ଟାଗଲା ଆବାସ କାର୍ଯ୍ୟାଦେଶ

ବାସୁଦେବପୁର, ୧୯।୧୧ (ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ନୀଳମଣି ଟାଉନହଲ୍ ପରିସରରେ ପୌରପାଳିକା ପକ୍ଷରୁ ୭୧୨ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଅତିଥି ଭାବେ ଯୋଗଦେଇ ପୌରାଞ୍ଚଳର ୨୩ ୱାର୍ଡର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା, ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ୍ ଏବଂ ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୌରପାଳିକାର ପ୍ରତି ୱାର୍ଡରେ ୱାର୍ଡ ଅଫିସରଙ୍କ ସମେତ ପୌରପାଳିକା କର୍ମଚାରୀମାନେ ସହଯୋଗ କରିଥିଲେ। ପୌର କର୍ମଚାରୀ ଲତାତେନ୍ଦୁ ନାୟକ ଧନ୍ୟବାଦ ଦେଇଥିଲେ।

## ସମବାୟ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ

କେନ୍ଦୁଝର,୧୯।୧୧(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

### ନିଖିଳ ଭାରତ ସମବାୟ ସପ୍ତାହ

କେନ୍ଦୁଝର ଜିଲା ସମବାୟ ସଂଘ ଓ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମିଳିତ ସହଯୋଗରେ ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ରବିବାର କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଅଡିଟୋରିୟମଠାରେ ଏକ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହୋଇଥିଲା। ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି ସମବାୟ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ସୁଦୂରପ୍ରସାରୀ କରିବାକୁ ଆହ୍ୱାନ ଜଣାଇଥିଲେ। ସମବାୟ ଏକ ଆନ୍ଦୋଳନ- ଏକ ଚେତନା, ଯେଉଁ ଚେତନା ସମସ୍ତଙ୍କ ଉନ୍ନତିରେ ବିଶ୍ୱାସ କରେ ଓ ବ୍ୟକ୍ତି ଓ ଗୋଷ୍ଠୀକୁ ଏକାକାର କରି ସମସ୍ତଙ୍କ ଉନ୍ନତି ପାଇଁ କାର୍ଯ୍ୟ କରେ। ସହଭାଗିତା, ସହଯୋଗ, ସହାନୁଭୂତି ଓ ସମୃଦ୍ଧିର ଦ୍ୱାର ସମବାୟ ଜରିଆରେ ଉନ୍ମୁକ୍ତ ହୋଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଟି ପ୍ରସାଦ ଦୋରା ରାଓ, ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ୟାଙ୍କ ସଭାପତି ଆଶିଷ ଚକ୍ରବର୍ତ୍ତୀ, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କାନନବିହାରୀ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, କେନ୍ଦୁଝର ସମବାୟ ୟୁନିୟନର ସଭାପତି ଅଟଳ ବିହାର ଶତପଥି, ନାବାର୍ଡର ଜିଲା ଉନ୍ନୟନ ପ୍ରବନ୍ଧକ ଦୀପ୍ତିକାନ୍ତ ମଲ୍ଲିକ, ସମବାୟ ସମିତି ସମୂହର ଉପନିବନ୍ଧକ ଶୁଭ୍ରକାନ୍ତି ତୁଙ୍ଗ, ସହକାରୀ ନିବନ୍ଧକ ଅଜୟ ସେଠୀ, ଇମ୍ରାନ ଖାନ, କେନ୍ଦୁଝର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନ୍ଦ୍ରନାଥ କାଲୁଣ୍ଡିଆ ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟାବଳୀ, ଋଣ ପ୍ରଦାନ ଓ ନୂତନ ଭାରତ-ନୂତନ ଓଡ଼ିଶା ଗଠନରେ ସମବାୟର ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମବାୟ ସପ୍ତାହ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସମବାୟ ୟୁନିୟନର ସମ୍ପାଦକ ଆଶିଷ ପ୍ରିୟଦର୍ଶୀ, ଲ୍ୟାମ୍ପ୍ସ, ସେବା ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ ବ୍ୟାଙ୍କ ଶାଖା ଏବଂ ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶରତ ଜେନାଙ୍କ ସମ୍ପାଦନାରେ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ରାଜ୍ୟରେ ପ୍ରଥମ ହେଲା ଭଦ୍ରକ



ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର ଏବଂ ପୋଷଣ ଜିଲା ସଂଯୋଜକ ଏସ୍.କେ. ସିରାଜ ଅକ୍ତର ପୁରସ୍କାର ଗ୍ରହଣ କରୁଛନ୍ତି।

### ରାଷ୍ଟ୍ରୀୟ ପୋଷଣ ମାହ

ଭଦ୍ରକ,୧୯।୧୧ (ସନାତନ ରାଉତ)- ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ରାଷ୍ଟ୍ରୀୟ ପୋଷଣ ମାହ-୨୦୨୩ ପାଇଁ କାର୍ଯ୍ୟକ୍ରମ ଆୟୋଜନରେ ଭଦ୍ରକ ଜିଲା ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମ ପାଇଁ ଜିଲା ରାଜ୍ୟ ସ୍ତରରେ ପ୍ରଥମ ପୁରସ୍କାର ପାଇଛି। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର ଏବଂ ପୋଷଣ ଜିଲା ସଂଯୋଜକ ଏସ୍.କେ. ସିରାଜ ଅକ୍ତର ଜିଲା ପକ୍ଷରୁ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଶୁଭା ଶର୍ମାଙ୍କଠାରୁ ଶୁକ୍ରବାର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

## ବିଜେଡି ପ୍ରଶିକ୍ଷଣ ଶିବିର, କର୍ମକର୍ତ୍ତା ସମ୍ମିଳନୀ

ନୀଳଗିରି,୧୯।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ବିଜୁ ଯୁବ ଜନତା ଦଳ ଆହ୍ୱାନରେ ପଞ୍ଚଲିଙ୍ଗେଶ୍ୱର ପାନ୍ଥଶାଳାରେ ପରିସରରେ ରବିବାର ଏକ ପ୍ରଶିକ୍ଷଣ ଶିବିର ଓ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଜିଲା ଯୁବ ଜନତା ଦଳର ସଭାପତି ତାପସ ପରିଡ଼ାଙ୍କ ନେତୃତ୍ୱରେ ଜିଲାର ୮ ନିର୍ବାଚନମଣ୍ଡଳୀ, ୧୨ ବ୍ଲକ, ୫ ଟାଉନ୍ ସଭାପତି, ସମସ୍ତ ପଞ୍ଚାୟତ, ମ୍ୟୁନିସିପାଲିଟି ୱାର୍ଡ଼ ଯୁବ ସଭାପତି, ଜିଲା ଯୁବ ବିଜେଡିର କାର୍ଯ୍ୟକର୍ତ୍ତା, ବ୍ଲକ ଓ ଟାଉନ୍‌ର ଡିଜିଟାଲ ସମ୍ପାଦକଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଆସନ୍ତା ୨୦୨୪ରେ ହେବାକୁ ଥିବା ନିର୍ବାଚନ ବୈତରଣୀ ପାର ହେବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭେନ୍ଦୁ ଦାସ ମଙ୍ଗରାଜ, ରାଜ୍ୟ ବିଜେଡି ମହିଳା ନେତ୍ରୀ ସୁବାସିନୀ ଜେନା, ଜିଲା ଛାତ୍ର ଯୁବ ବିଜେଡି ସଭାପତି ସିମନ ଦାସ, ଉପ-ସଭାପତି ସୁବମ ନାୟକ, ଜିଲା ଯୁବ ବିଜେଡି ସମ୍ପାଦକ ଗୌତମ ସାହୁ, ଜିଲା ବିଜୁ ଯୁବ ଜନତା ଦଳର ଔପଦା ବ୍ଲକ କାର୍ଯ୍ୟକାରୀ ସମ୍ପାଦକ ଦେବେନ୍ଦ୍ର ଦାସ, ରବୀନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ପରିଡ଼ା, ଅମୁଲ୍ୟ ପରିଡ଼ା, ଅବିନାଶ ନାୟକ, ଅଶ୍ୱିନ ନାୟକ, ଦେବେନ୍ଦ୍ର ମାଝୀ, କାହ୍ନୁ ଚରଣ ଜେନା, କପିଳ ସାମଲ, ଭବାନୀ ଶଙ୍କର ପଣ୍ଡା, ଆଦିତ୍ୟ ବେହେରା, କୌଶିକ ମହାନ୍ତି ପ୍ରମୁଖ ଦୁଇ ହଜାରରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିର ଓ କର୍ମକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ବିଜେଡି କାର୍ଯ୍ୟକର୍ତ୍ତା।

## ଆରମ୍ଭ ହେଲା ଉର୍ସ: ଉତ୍ସବମୁଖର ଧାମନଗର

ଧାମନଗର, ୧୯।୧୧ (ଦେବେନ୍ଦ୍ର ଆନ୍ଧିଆ)



ଉତ୍ସବରେ ନଜର ରଖିଛି ପୋଲିସ।

ଭଦ୍ରକ ଜିଲା ଧାମନଗର ଖାନ୍‌କା ପରିସରରେ ରବିବାରଠାରୁ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ଉର୍ସ ଉତ୍ସବ। ଦୁଇଦିନ ଧରି ଏହି ଉତ୍ସବ ପାଳନ ହେବ। ହଜରତ ମୁଜାହିଦ -ଏ-ମିଲତ ଆଲହାଜ ଶାହା ମହମ୍ମଦ ହବିବୁର ରେହେମାନଙ୍କ ୪୪ତମ ଉର୍ସ ଉତ୍ସବ ପାଇଁ ଏଠାରେ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତବର୍ଷର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଯାତ୍ରୀମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସନ୍ଧ୍ୟା ୬ଟାରୁ ୭ଟା ୩୦ ମଧ୍ୟରେ ଖାନକାସ୍ଥିତ ପୀରବାବାଙ୍କ ପୀଠରେ କୋରାନ ପାଠ, ୭ଟା ୩୦ ପରେ ପୀରବାବାଙ୍କ ଦର୍ଶନ, ରାତି ୮ଟାରୁ ସକାଳ ୫ଟା ସର୍ବଭାରତୀୟ କବି ସମ୍ମିଳନୀ ହୋଇଥିଲା। ସୋମବାର ଭୋର ୪ ଟାରେ ପୀରବାବାଙ୍କ ସ୍ନାନକାର୍ଯ୍ୟ, ୬ଟାରେ ଭକ୍ତମାନଙ୍କ ଦ୍ୱାରା ଚଦର ଶୋଭାଯାତ୍ରା ହୋଇ (ଗୋଶାଲ ସରିଫ) ଆରମ୍ଭ ହେବ। ୭ଟାରୁ ଦର୍ଶନ କାର୍ଯ୍ୟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲୁ ରହିବ। ୪ଟାରୁ ୫ଟା୧୫ ପର୍ଯ୍ୟନ୍ତ ସମୂହ ପ୍ରାର୍ଥନା, ରାତି ୮ଟାରୁ ଭୋର ୪ଟା ୩୦ ପର୍ଯ୍ୟନ୍ତ ଧର୍ମଗୁରୁମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ରହିଛି।

ଶ୍ରଦ୍ଧାଳୁମାନେ କିପରି ସୂଚାରୁରୂପେ ଉତ୍ସବରେ ପହଞ୍ଚିପାରିବେ ସେନେଇ ଜିଲା ଆଞ୍ଚଳିକ ପରିବହନ ଓ ଜିଲା ପ୍ରଶାସନ ପକ୍ଷରୁ ଯାନବାହନ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୪ଟି ମୋବାଇଲ ପାଟ୍ରୋଲିଂ ଟିମ୍ ଗଠିତ ହୋଇଛି। ଦେଶ ବାହାରୁ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଟ୍ରେନ୍ ଯୋଗେ ଆସୁଥିବା ଯାତ୍ରୀମାନଙ୍କ ପାଇଁ କେନ୍ଦୁଆପଦା ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ୍ ରହଣୀ ପାଇଁ ଜିଲା ପ୍ରଶାସନ ବ୍ୟବସ୍ଥା କରିଛି। ପରିବହନ ବିଭାଗ ପକ୍ଷରୁ ଉର୍ସ ଉତ୍ସବ ସ୍ଥଳକୁ ଯିବା ନିମନ୍ତେ ବସ୍ ବ୍ୟବସ୍ଥା କରାଯାଇଛି। ସେହିପରି ଉର୍ସ କମିଟି ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଛି। ବିଭିନ୍ନ କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ମାଗଣା ଭୋଜନ କେନ୍ଦ୍ର ଖୋଲାଯାଇଛି। ଯାତ୍ରୀମାନଙ୍କ ରହଣି ପାଇଁ କମିଟି ପକ୍ଷରୁ ବିଭିନ୍ନ ସାହିବସ୍ତିରେ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରଶାସନ ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ରହଣି ବ୍ୟବସ୍ଥା କରାଇଛି। ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ଆସି ପସରା ମେଲାଇଛନ୍ତି। ନାଗପୁର, ମହାରାଷ୍ଟ୍ରର ହାଜି ରହେମତୁଲା ୨୫ବର୍ଷ ହେଲା ତାଙ୍କ ହୋଟେଲ ଖୋଲିଛନ୍ତି। ଅଜମେରୀଙ୍କ ମିଠା, ହାଲୁଆ, ପରଟା, ବିରିୟାନୀ ତାଙ୍କର ପ୍ରସିଦ୍ଧ ବୋଲି ସେ ମାତ୍ର ୩ଦିନ ଦୋକାନ କରି ପ୍ରାୟ ୬୦ହଜାର ଟଙ୍କା ବ୍ୟବସାୟ କରିଥାନ୍ତି ବୋଲି କହନ୍ତି। ବହୁ ଭକ୍ତ ମୁମ୍ବାଇ, ଜାମସେଦପୁର, ଉତ୍ତରପ୍ରଦେଶ, ବିହାର, କୋଲକାତା ଆଦି ଅଞ୍ଚଳରୁ ଆସି ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ ତୁଲାଇଥାନ୍ତି।

## ବାଲିଆପାଳ ଥାନାଧିକାରୀଙ୍କ ପଦୋନ୍ନତି

ବାଲିଆପାଳ,(ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବାଲିଆପାଳ ଥାନାଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କୁ ସବ୍-ଇନିସ୍‌ପେକ୍ଟରରୁ ଇନିସ୍ପେକ୍ଟର ପାହ୍ୟାକୁ ରାଜ୍ୟସରକାର ପଦୋନ୍ନତି ଦେଇଛନ୍ତି। ସେ ବାଲିଆପାଳ ଥାନାରେ ପ୍ରଥମେ ସବ୍-ଇନିସ୍‌ପେକ୍ଟର ଭାବରେ କାର୍ଯ୍ୟରେ ଯୋଗଦେଇ ସୂଚାରୁ ରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ। ବାଲିଆପାଳର ସବୁ ବର୍ଗର ଲୋକଙ୍କୁ ନ୍ୟାୟ ଦେବା ସହିତ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଅଧିକ ଯତ୍ନବାନ ହେବେ ବୋଲି ସେ କହିଛନ୍ତି।


### ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୁଖ୍ୟ ଆକର୍ଷଣ ଦୁବାଇର ବୁର୍ଜ ଖଲିଫା ତୋରଣ

## ୨୬ରୁ ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା

ବାରିପଦା,୧୯।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ନଭେମ୍ବର ୨୬ରୁ ଆରମ୍ଭ ହେବ। ଚଳିତ ବର୍ଷ ମା' ଜଗଦ୍ଧାତ୍ରୀଙ୍କ ୭୧ତମ ପୂଜା ଅବସରରେ ଚଳିତ ବର୍ଷ ୨୯ତମ ମେଳା ଅନୁଷ୍ଠିତ ହେବ। ଏ ନେଇ ସ୍ଥାନୀୟ କୁମାରସ କ୍ଲବ୍ ପରିସରରେ ଭଞ୍ଜପୁର ପୂଜା ଓ ମେଳା କମିଟି ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ମା'ଙ୍କ ପୂଜା ଚଳିତ ମାସ ୨୧ ତାରିଖରେ ପୂଜା ବିଧି ପାରମ୍ପରିକ ରୀତିରେ ଅନୁଷ୍ଠିତ ହେବାକୁ ଯାଉଛି। ମେଳା ନଭେମ୍ବର ୨୬ ଠାରୁ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୩୫୦ଟି ଷ୍ଟଲ ପ୍ରଦର୍ଶିତ ହେବାକୁ ଯାଉଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମର, ଛଉ, ଆଦିବାସୀ, ସମ୍ବଲପୁରୀ, ମେଲୋଡି, ଭଜନ, ତଥା ଆଧୁନିକ ନୃତ୍ୟ ପରିବେଷିତ ହେବ। ଏଥି ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, କୁଇଜ ଓ ଗୀତ ପ୍ରତିଯୋଗିତା ଚଳିତ ମାସ ୨୨ ତାରିଖରୁ ୨୪ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏ ବର୍ଷର ବିଶେଷ ଆକର୍ଷଣ ସାଜିବ ଦୁବାଇର ବୁର୍ଜ ଖଲିଫାର ତୋରଣ। ଏଥିପାଇଁ ପଶ୍ଚିମବଙ୍ଗର ୩୭ ଜଣ କାରିଗର ଦିନରାତି ନିର୍ମାଣରେ ବ୍ୟସ୍ତ ରହିଛନ୍ତି। ତୋରଣ ବାବଦକୁ ଏଥର ୨୨ ଲକ୍ଷ ଓ ସେଥିରେ ଆଲୋକମାଳା ପାଇଁ ଅତିରିକ୍ତ ୬ଲକ୍ଷ ଟଙ୍କା ଅଟକଳ ରହିଛି। ଭିଡ଼ ଆଶଙ୍କାକୁ ଲକ୍ଷ୍ୟ କରି ସିସିଟିଭି କ୍ୟାମେରା, ନିଆଁ ଲିଭା ଯନ୍ତ୍ର, ସହିତ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ମେଳା ପରେ ତିନିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜାତୀୟସ୍ତରର କଣ୍ଠଶିଳ୍ପୀ ପବନଦୀପ-ଅରୁଣିତା ଗୀତ ଗାଇବେ। ପୂଜା କମିଟିର ସଭାପତି ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ଥିବା ବେଳେ ମେଳା କମିଟି ସଭାପତି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ରହିଛନ୍ତି। ସେହିପରି ଉଭୟ କମିଟିର କାର୍ଯ୍ୟକାରୀ ସଭାପତି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ପାଦକ ଦର୍ପନାରାୟଣ ପାଲ, ସଦସ୍ୟ ପ୍ରିୟବ୍ରତ ଦାସ, ସପନ ପଣ୍ଡା, ବିଶ୍ୱମ୍ଭର ସିଂ, ପ୍ରମୋଦ ମହାନ୍ତି, ପ୍ରୀତମ ପଣ୍ଡା, ବିଶ୍ୱମ୍ଭର ଦାସ, ପ୍ରସନ୍ନଜିତ ମହାନ୍ତି, ମାନସ କୁମାର ମହାନ୍ତି ଓ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ରହିଛନ୍ତି।



ଖବରଦାତା ସମ୍ମିଳନୀରେ ପୂଜା ଓ ମେଳା କମିଟି କର୍ମକର୍ତ୍ତା।

# ମେଲାଣି ନେଲେ ମା' କାଳୀ


ବିଶାଣିଖରିଦା ମେଢ଼ ବିସର୍ଜନ ପାଇଁ ନିଆଯାଉଛି।

## ପାରମ୍ପରିକ ବାଦ୍ୟନୃତ୍ୟ ଶୋଭାଯାତ୍ରା

ଭଦ୍ରକ,୧୯।୧୧(ସନାତନ ରାଉତ)

ଭଦ୍ରକ ଚରମ୍ପାଠାରେ ୭ଦିନ ଧରି ଚାଲିଥିବା କାଳୀପୂଜା ଶନିବାର ଶେଷ ହୋଇଥିବା ବେଳେ ରବିବାର ମା'ଙ୍କୁ ମେଲାଣି ଦିଆଯାଇଛି। ଭାବମୟ ପରିବେଶରେ ପୂର୍ବାହ୍ନ ୧୧ଟାରୁ ଭସାଣି ଆରମ୍ଭ ହୋଇ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଚାଲିଥିଲା। ଚରମ୍ପାର ସମସ୍ତ ୮ ମଣ୍ଡପର ମେଢ଼ ଚରମ୍ପା ଷ୍ଟେଶନ ରୋଡ୍‌ରେ ଏକାଠି ହେବା ପରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟଙ୍କ ନେତୃତ୍ୱରେ ଭସାଣି ଆରମ୍ଭ ହୋଇଥିଲା। ଭସାଣିକୁ ବିଶେଷ ଆଡ଼ମ୍ବର ନ କରି ଢୋଲ ଓ ବିଭିନ୍ନ ପାରମ୍ପରିକ ବାଦ୍ୟନୃତ୍ୟ ସହ ଶୋଭାଯାତ୍ରାରେ ବଜାର ପରିକ୍ରମା ପରେ ଡଗରାସାହି କେନାଲରେ ବିସର୍ଜନ କରାଯାଇଛି।

୭ଦିନ ଧରି ଚରମ୍ପା ଅଞ୍ଚଳ ଜନଗହଳି ସାଙ୍ଗକୁ ପୂଜା ମାହୋଲରେ ସରଗରମ ଥିବାବେଳେ ଏବେ ବଜାର ଅଞ୍ଚଳ ଶାନ୍ତ ପଡ଼ିଯାଇଛି। ପୂଜାକୁ ନେଇ ଚରମ୍ପା ସମେତ ଜିଲାରେ ଲାଗି ରହିଥିବା ଉତ୍ସାହର ଅନ୍ତ ଘଟିଛି। ପୁଣି ଆସନ୍ତା ବର୍ଷକୁ ମା'ଙ୍କ ଆବାହନ ପାଇଁ ଅପେକ୍ଷା କରିବାକୁ ପଡ଼ିବ ବୋଲି କୋହଭରା କଣ୍ଠରେ ପୂଜା କମିଟିର କର୍ମକର୍ତ୍ତାମାନେ କହିଛନ୍ତି। ସେହିପରି ରାଜଘାଟ ପୋଲ ପୂଜା ମଣ୍ଡପରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ସାଳନ୍ଦୀ ଘାଟରେ ମା'ଙ୍କୁ ବିସର୍ଜନ କରାଯାଇଛି। ଭସାଣି ଶୋଭାଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଥିଲେ।

# ତିହିଡ଼ି ଯୁବମଞ୍ଚର ନୂତନ କର୍ମକର୍ତ୍ତା

ତିହିଡ଼ି,୧୯।୧୧ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଯୁବମଞ୍ଚର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ ସ୍ଥାନୀୟ ସୈନିକ ସ୍କୁଲ ପରିସରରେ ଉପଦେଷ୍ଟା ସଚ୍ଚିକାନ୍ତ ନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳ ସ୍ତରକୁ ଯାଇ ଅବହେଳିତ ଅସହାୟଙ୍କ ମୁହଁରେ କିପରି ହସ ଫୁଟେଇ ପାରିବେ, ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସର୍ବସମ୍ମତିକ୍ରମେ ସମ୍ପାଦକ ଭାବେ ନିରଞ୍ଜନ ବାରିକ, ସହସମ୍ପାଦକ ଅଧ୍ୟାପକ ଦିଲୀପ ପତି, ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି, ସାଂସ୍କୃତିକ ସଙ୍ଗଠକ ଜିତେନ୍ଦ୍ର କୁମାର ନାୟକ ଓ କୋଷାଧ୍ୟକ୍ଷ ଭାବେ ସାକିରୁଦ୍ଦିନ ଖାଁ ମନୋନୀତ ହୋଇଛନ୍ତି। ମାନସ କୁମାର ସାହୁ, ସୟଦ ମହମ୍ମଦ ରଫିକ, ସୁବ୍ରତ ମିଶ୍ର, ଅଲେଖ ବଳ ଓ ସେକ ଆସିକଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ଉପସଭାପତି ପ୍ରିୟବ୍ରତ ପାଢ଼ୀ ସଙ୍ଗଠନର ଆଭିମୁଖ୍ୟ କହିଥିବା ବେଳେ ସଭାପତି କୈଳାସ ବେହେରା ସ୍ୱାଗତ ଭାଷଣ ପ୍ରଦାନ ସହ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଦସ୍ୟ ଧର୍ମାନନ୍ଦ ବେହେରା, ଦୀପକ ସେଠୀ, ଅଜିତ ଯେନା ପ୍ରମୁଖ ସହଯୋଗ କରିଥିଲେ। ବାସ୍ତବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ତର ରେମୁଣା ଗ୍ରାମୀଣ ମେଳା ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ମେଳା କମିଟିର କର୍ମକର୍ତ୍ତାମାନେ।

ବାଲେଶ୍ୱର,୧୯।୧୧ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ଗୁଡୁଦା ହାଇସ୍କୁଲ ପରିସରରେ 'ଉତ୍ତର ରେମୁଣା ଗ୍ରାମୀଣ ମେଳା ୨୦୨୪' ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶିଷ୍ଟ ଶିକ୍ଷାବିତ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଦୀପ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଗୁଡୁଦା ପଞ୍ଚାୟତକୁ ମିଶାଇ ୬ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ଉତ୍ତର ରେମୁଣା ଗ୍ରାମୀଣ ମେଳାର ସଭାପତି ପ୍ରମୋଦ କୁମାର ମିଶ୍ର, ସମ୍ପାଦକ ରାଧାରଞ୍ଜନ ଦାସ, ଦୁର୍ଗାଦେବୀ ପଞ୍ଚାୟତର ସରପଞ୍ଚ ଚୈତନ୍ୟ ପ୍ରସାଦ ମାଝୀ, ବଡ଼ପାଳ ପଞ୍ଚାୟତର ସରପଞ୍ଚ କମଳ ଲୋଚନ ପଣ୍ଡା, ଗୁଡୁଦା ପଞ୍ଚାୟତର ସାମାଜିକ କର୍ମୀ ଦୀନବନ୍ଧୁ ଦାସ, ସାମାଜିକ କର୍ମୀ ବଂଶୀଧର ଦଳେଇ, ବରିଷ୍ଠ ସଭ୍ୟ ଦିବାକର ଜେନା, ସନ୍ତୋଷ କୁମାର ଦାସ, ସାଂସ୍କୃତିକ ସମ୍ପାଦକ ଡମ୍ବରୁଧର ମହାଳିକ, କୃପାସିନ୍ଧୁ ଦାସ, ଜୟନ୍ତ ପଣ୍ଡା, ରଞ୍ଜନ କୁମାର ସାହୁ, ଦେବେନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇ ମେଳା ଆୟୋଜନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉପକୂଳ ସୁରକ୍ଷା ମଞ୍ଚର ମହାସଚିବ ବଂଶୀଧର ଦଳେଇ ଅତିଥି ଭାବେ ଯୋଗଦେଇ ଏହି ମେଳାର ବ୍ୟାପକ ପ୍ରଚାର ପ୍ରସାର କରାଯିବା ନେଇ ଉଦ୍ୟମ କରିବେ ବୋଲି କହିଥିଲେ। ସମସ୍ତ ସଦସ୍ୟଙ୍କ ଉଦ୍ୟମରେ ଏହି ମେଳା ଆଗାମୀ ଦିନରେ ସଫଳ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହେବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଭ୍ୟ ବସନ୍ତ କୁମାର ପ୍ରଧାନ, ଅଧ୍ୟାପକ ଗୁଣାକର ଦାସ, ଗଣେଶ୍ୱର ଘଡ଼େଇ, ରବୀନ୍ଦ୍ର ଦାସ, ଖଗେଶ୍ୱର ସାହୁ, ରଞ୍ଜନ ସେନାପତି, ସାଗର ସେନାପତି, ମୁକ୍ତେଶ୍ୱର ସେଠୀ, ସଞ୍ଜୟ ପ୍ରଧାନ, ରଧାଗୋବିନ୍ଦ ମହାର୍ଣ୍ଣା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଝୁଙ୍ଗା ପଞ୍ଚାୟତ ଶିଶୁଶ୍ରମିକ ମୁକ୍ତ ଅଞ୍ଚଳ

କେନ୍ଦୁଝର,୧୯।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁଙ୍ଗା ପଞ୍ଚାୟାତ ଶିଶୁ ଅଧିକାର ସୁରକ୍ଷା ସମିତି ଏବଂ କେନ୍ଦୁଝର ଜିଲାର କାର୍ଯ୍ୟ କରୁଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆସ୍ୱାୟାରର ମିଳିତ ଆନୁକୂଲ୍ୟରେ ଝୁଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଝୁଙ୍ଗା ସରପଞ୍ଚ ହେମଲତା ମାଝିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ ଯୋଗଦେଇ ଶିଶୁଶ୍ରମିକ ନିରାକରଣ ଉପରେ ଆଲୋଚନା କରିଥିଲେ। ସଭାରେ ସମିତିସଭ୍ୟା ଦେବସ୍ମିତା ବାରିକ ଝୁଙ୍ଗା ପଞ୍ଚାୟତକୁ ଶିଶୁ ଶ୍ରମିକ ମୁକ୍ତ ପଞ୍ଚାୟତଭାବେ ଘୋଷଣା କରିଥିଲେ। ଶିଶୁ ଅଧିକାର ସୁରକ୍ଷା ସମିତିର ସମ୍ପାଦକ ମନୋଜ କୁମାର ପଟେଲ ସଭା ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତର ଶିକ୍ଷାବିତ୍, ବୁଦ୍ଧିଜୀବୀ, ପଞ୍ଚାୟତ ଲୋକ ପ୍ରତିନିଧି, ଅଭିଭାବକ, ଅଙ୍ଗନୱାଡି କର୍ମୀ ଅଂଶ ଗ୍ରହଣ କରିଥିଲେ।

# ସୁନାନଦୀରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ

ଯୋଡ଼ା,୧୯।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାରେ ରବିବାର ପାରମ୍ପରିକ ରୀତିରେ ଛଟ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଡ଼ାର ସୁନାନଦୀ କୂଳରେ ବ୍ୟାପକ ଆୟୋଜନ କରାଯାଇଥିଲା। ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଏକାଠି ହୋଇ ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିଥିଲେ। ଯୋଡା ମାର୍କେଟସ୍ଥିତ ବାବା ଜଳେଶ୍ୱର ମନ୍ଦିର କମିଟି ପକ୍ଷରୁ ସୁନାନଦୀ ତଟରେ ଛଟ ପୂଜା ଉପଲକ୍ଷେ ମହିଳାମାନେ ସୂର୍ଯ୍ୟ ଭଗବାନଙ୍କ ପାରମ୍ପାରିକ ରୀତିନୀତିରେ ନଦୀଘାଟରେ ଆରାଧନା କରିଥିଲେ। ବ୍ରତଧାରୀମାନେ ଅର୍ଘ୍ୟ ଅର୍ପଣ କରି ପୂଜା ଆରମ୍ଭ କରିଥିବା ବେଳେ ସୋମବାର ପ୍ରାତଃରୁ ଉଦୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜା ସମାପନ ହେବ। ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ପୂଜା ସମୟ ରହିଥିବା ବେଳେ ସନ୍ଧ୍ୟାରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ କାଶୀ ବନାରସରୁ ନିମନ୍ତ୍ରିତ ହୋଇ ଆସିଥିବା ପୂଜକ, ଛଟ ଉପାସକମାନେ ସମାଗମ ହୋଇ ଏହି ପର୍ବରେ ସୂର୍ଯ୍ୟ ଦେବଙ୍କୁ ସନ୍ଧ୍ୟା ଆଳତୀ କରିଥିଲେ। ପରମ୍ପରା ଅନୁଯାୟୀ, ମହିଳାମାନେ ପରସ୍ପର ମୁଣ୍ଡରେ ସିନ୍ଦୁର ମାରିବା ସହ ଆଣ୍ଠୁଏ ପାଣିରେ ବୁଡ଼ି ରହି ସୂର୍ଯ୍ୟ ଦେବାତାଙ୍କୁ ପୂଜା କରିଥିଲେ। ସମ୍ପୂର୍ଣ୍ଣ ନିର୍ଜଳ ଉପବାସ ମଧ୍ୟରେ ଅସ୍ତଗାମୀ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ଭୋଗ ଅର୍ପଣ କରିଥିଲେ। ତେବେ ଯୋଡ଼ା ଅଞ୍ଚଳରେ ବସବାସ କରୁଥିବା ୫୦୦ରୁ ଊର୍ଦ୍ଧ୍ୱ ପରିବାର ଏହି ଛଟ ପୂଜାରେ ସାମିଲ ହୋଇଥିବାର ଦେଖିବାକୁ ମିଳିଥିଲା।


ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରାଯାଉଛି।

# ଗୋରୁ ବୋଝେଇ ଗାଡ଼ି ଜବତ

ରୂପସା,୧୯।୧୧(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ୧୬ନଂ.ଜାତୀୟ ରାଜପଥର ବସ୍ତା ଥାନା ଭେଲୋରା ଛକ ନିକଟରୁ ପୋଲିସ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ସେଥିରେ ଥିବା ୧୪ଟି ଗୋରୁ ଉଦ୍ଧାର ହୋଇଛନ୍ତି।

ସୂଚନା ଅନୁଯାୟୀ, ବସ୍ତା ଥାନା କାଦରାୟାଁରୁ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଭେଲୋରା ଛକ ନିକଟରେ ପାଟ୍ରୋଲିଂ କରୁଥିବା ଅମର୍ଦ୍ଦାରୋଡ୍ ଫାଣ୍ଡି ଅଧିକାରୀ ସନ୍ଦିପ କୁମାର କୁଜୁର ଉକ୍ତ ପିକଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ଗୋରୁ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଉକ୍ତ ପିକଅପ୍ ଭ୍ୟାନ୍ ସହ ସମସ୍ତ ଗୋରୁକୁ ବସ୍ତା ଥାନାକୁ ଆଣିଥିଲେ। ପିକଅପରେ ଥିବା ୧୪ଟି ଗୋରୁଙ୍କୁ ବାମପଦାସ୍ଥିତ ଗୋଶାଳାରେ ଛଡ଼ା ଯାଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୩୨୬/୨୩) ରୁଜୁ ହୋଇ ଭ୍ୟାନ୍ ଚାଳକଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ମେଳା ଦେଖିବାକୁ ଆସି ଯୁବକ ମୃତ

କୁଳିଅଣା,୧୯।୧୧(ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ନିକଟରେ କାଳିପୂଜା ମେଳା ଦେଖିବା ପାଇଁ ଆସିଥିବା ଜଣେ ଯୁବକଙ୍କ ଅକାଳ ବିୟୋଗ ଘଟିଛି। ମୃତକ ଚାନ୍ଦୁଆ ଥାନା ଅନ୍ତର୍ଗତ ବୈଦପୁର ଗ୍ରାମର ଭୀମ ବିନ୍ଧାଣୀଙ୍କ ପୁତ୍ର ସଞ୍ଜୟ ବିନ୍ଧାଣୀ(୨୫)। ସେ ଶନିବାର ସନ୍ଧ୍ୟାରେ ମେଳା ବୁଲାବୁଲି କରି ଆଉ ଘରକୁ ଫେରି ନ ଥିଲେ। ରାତିରେ ଏକ ଦୋକାନଗୃହ ପିଣ୍ଡାରେ ଶୋଇପଡ଼ିଥିଲେ। ରବିବାର ସକାଳୁ ନ ଉଠିବାରୁ ତାଙ୍କ ମୃତ୍ୟୁ ଘଟିଥିବା କୁଳିଅଣା ପୋଲିସ ଖବର ପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଏମଆର ଡାକ୍ତରଖାନା ପଠାଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୪୪/୨୩)ରୁଜୁ ହୋଇଛି।


# Classified Everyday 0674-2580101, 2549949


REAL ESTATE
SALE

2 Gunth land sale prime area Banamali Prasad, Dhenkanal Town. Contact: 9658877226, 9861254667. D-73786

Nakhara Trinath Bazar ପାଖ sqft.-950 to 2000/- ଘରବାରି, Electricity ଥାଇ ତୁରନ୍ତ ଘରକରି ପାରିବେ, 9178704897. D-75271

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75270

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି। 7978676652. D-75266

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରି ହେବ - 9437205314, 9937513595. D-75265

Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357. D-75264

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଚରୀଦେବୀ କଲେଜ, 100ft. ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT

By virtue of an affidavit before the Executive Magistrate, Bhubaneswar on 15.11.2023, I Priyanka Priyadrashni Chaudhury D/o Prahalad Kumar Chaudhury, resident of Village- Tikayatpur, PO- Bhimda, P.S.- Barsahi, Dist.- Mayurbhanj, declare that I have changed my name from Priyanka Priyadrashni Chaudhury to Priyanka Chaudhury. Henceforth I will be known as Priyanka Chaudhury for all purposes. D-75060

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

17th Death Anniversary


LATE PRAVIN PATTANAIK
(BUBUL)
DOB: 25.11.1986
DOD: 20.11.2006
Fondly Remembered by
Pravin Memorial Trust
Malipada
D-1829

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ


ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି
ସ୍ୱାମୀ- ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ ।
ଧ-୧୮୩୨

